# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 July - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବଜେଟ୍ ଉପସ୍ଥାପିତ

— କୃଷକମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କିଷାନ୍ ଏବଂ ସମୃଦ୍ଧ କୃଷକ ଯୋଜନା ଘୋଷଣା

- ରାଜ୍ୟରେ ୨୦୨୭ ମସିହା ସୁଦ୍ଧା ସୃଷ୍ଟି କରାଯିବ ୨୫ ଲକ୍ଷ 'ଲକ୍ଷପତି ଦିଦି'

— ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା

- ବଜେଟ୍‌ରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ୫୦୦ କୋଟି ଟଙ୍କାର ପ୍ରସ୍ତାବ

— ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ ପିଏମ୍‌ଶ୍ରୀ ଯୋଜନା

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା

## ବଜେଟ୍ ଉପସ୍ଥାପନ

ବିଧାନସଭାରେ ଆଜି ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ୍‌ରେ କୃଷକ, ମହିଳା, ସାମାଜିକ ନ୍ୟାୟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶିଳ୍ପ, ନିଯୁକ୍ତି, ଓଡ଼ିଆ ଅସ୍ମିତା ଭଳି ୧୦ଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି।

ବଜେଟ୍‌ରେ ପ୍ରଶାସନିକ ବ୍ୟୟ ପାଇଁ ୯୭ ହଜାର ୭୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିଭଳି ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ପାଇଁ ୩ ହଜାର ୯୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି।

କୃଷି ପାଇଁ ୩୩ ହଜାର ୯୧୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିଭଳି କୃଷକମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ କିଷାନ୍ ଏବଂ ସମୃଦ୍ଧ କୃଷକ ଯୋଜନା ଘୋଷଣା କରାଯାଇଛି। ସିଏମ୍ କିଷାନ୍ ଯୋଜନା ପାଇଁ ୧ ହଜାର ୯୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ଚାଷୀମାନଙ୍କଠାରୁ ଉଚିତ୍ ମୂଲ୍ୟର ଧାନ କ୍ରୟର ଲକ୍ଷ୍ୟ ନେଇ ସମୃଦ୍ଧ କୃଷକ ଯୋଜନା ପାଇଁ ୫ ହଜାର କୋଟି ଟଙ୍କା ମଂଜୁର ହୋଇଛି।

ଏହି ଯୋଜନାରେ ଚାଷୀମାନଙ୍କଠାରୁ ଧାନ କୁଣ୍ଟାଲ୍ ପିଛା ୩୧ ଶହ ଟଙ୍କାରେ କିଣାଯିବ। କୃଷକମାନଙ୍କ ପାଇଁ ୱାନ୍‌ଷ୍ଟପ୍ ସମାଧାନ ଭାବରେ କାର୍ଯ୍ୟକରିବା ଲାଗି ବ୍ଲକ୍‌ସ୍ତରରେ କୃଷି ସମୃଦ୍ଧି କେନ୍ଦ୍ର ପ୍ରତିଷ୍ଠା ହେବ।

ମିଲେଟ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଶ୍ରୀଅନ୍ନ ଯୋଜନାରେ ୬୪୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ସେହିଭଳି ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ୍ ଆରମ୍ଭ ହେବ । ବିପର୍ଯ୍ୟସ୍ତ ପୁରୁଣା ବନ୍ଧଗୁଡ଼ିକର ତଦାରଖ ଓ ରକ୍ଷଣାବେକ୍ଷଣ ପାଇଁ ଡ୍ୟାମ୍ ସୁରକ୍ଷା ଓ ଉନ୍ନତୀକରଣ ଯୋଜନାକୁ ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଚଳିତ ଆର୍ଥିକବର୍ଷରେ ୨ ଲକ୍ଷ ୨୮ ହଜାର ୬୮୫ ହେକ୍ଟର ଆୟକଟ ଅଞ୍ଚଳକୁ ସେଚାଧିନ କରାଯିବ । ବନ୍ୟା ନିୟନ୍ତ୍ରଣ ପରିଚାଳନା ପାଇଁ ୭୧୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ରାଜ୍ୟରେ ଉଠା ଜଳସେଚନ ନିର୍ମାଣ ଓ ଆୟକଟର ପୁନରୁଦ୍ଧାର ପାଇଁ ୧ ହଜାର ୨୯୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ପୁରାତନ ସେଚ ପ୍ରକଳ୍ପଗୁଡ଼ିକର ଆଧୁନିକୀକରଣ ତଥା କେନାଲର ପୁନରୁଦ୍ଧାର ପାଇଁ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ନିମନ୍ତେ ୭୭୩ କୋଟି ଟଙ୍କାର ପ୍ରସ୍ତାବ ରହିଛି ।

ସେହିଭଳି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାରେ ୭୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ୧୯୩ କିଲୋମିଟର ପର୍ଯ୍ୟନ୍ତ ଲୁଣି ବନ୍ଧକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧୀ ଲୁଣିବନ୍ଧ ପ୍ରକଳ୍ପ

କାର୍ଯ୍ୟକାରୀ କରାଯାଉଛି। ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ପ୍ରଣୟନ ପାଇଁ ୨୯୫ କୋଟି ଟଙ୍କା ମଂଜୁର ହୋଇଛି।  ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୩୪୪ କୋଟି ଟଙ୍କା ଆବଣ୍ଟନ ହୋଇଛି।

ମହିଳା ମାନଙ୍କ ବିକାଶ ପାଇଁ ବଜେଟ୍‌ରେ ବିଶେଷ ବ୍ୟବସ୍ଥା ହୋଇଛି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ୍‌ଶକ୍ତି ବିଭାଗ ପାଇଁ ୧୭ ହଜାର ୯୪୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। **ସୁଭଦ୍ରା** ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠା, ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିପଣନ ଏବଂ ପ୍ରଚାର ପ୍ରସାର ପାଇଁ ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବ। ସେହିଭଳି ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନାକୁ ମମତା ଯୋଜନା ସହ ସଂଯୋଜନ କରି କାର୍ଯ୍ୟ କରାଯିବ।

ପୋଷଣ ଅଭିଯାନ ଅଧିନରେ ୨୯୫ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧିନରେ ୫୫୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏଥିରେ ରାଜ୍ୟର ପ୍ରାୟ ୧୯ ଲକ୍ଷ ମହିଳା, କିଶୋରୀ ଓ ଶିଶୁମାନଙ୍କ ପୋଷଣ ସ୍ଥିତିରେ ପରିବର୍ତ୍ତନର ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ଅନାଥ ଶିଶୁମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଯଶୋଦା ଯୋଜନାର ଶୁଭାରମ୍ଭ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିବାସୀ ଗ୍ରାମଗୁଡ଼ିକର ବିକାଶ ପାଇଁ ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ୫୦୦ଟି ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ।

ସେହିପରି ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ୨୧ ହଜାର ୨୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବଜେଟ୍‌ରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ୫୦୦ କୋଟି ଟଙ୍କା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କାର ପ୍ରସ୍ତାବ ରହିଛି। ରାଜ୍ୟରେ ସମସ୍ତଙ୍କୁ ମାଗଣାରେ ସାର୍ବଜନୀନ ବ୍ୟାପକ ଚକ୍ଷୁ ଯତ୍ନ ସେବା ଯୋଗାଇବା ଉଦ୍ଦେଶ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ ହୋଇଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଯୋଜନା ଅଧିନରେ ୨ ହଜାର ୪୬୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହାବ୍ୟତୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉନ୍ନତୀକରଣ ପାଇଁ ଆମ ହସ୍‌ପିଟାଲ୍ ଯୋଜନାରେ ୧ ହଜାର ୩୧୪ କୋଟି ଟଙ୍କାର ପ୍ରସ୍ତାବ ରହିଛି।

ଶିକ୍ଷା କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ଚଳିତ ଆର୍ଥିକବର୍ଷରୁ ସମଗ୍ର ରାଜ୍ୟରେ ପିଏମ୍‌ଶ୍ରୀ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳ ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମକ ଏକ

ଯୋଜନାର ପ୍ରସ୍ତାବ ରହିଛି । ସେହିଭଳି ସମଗ୍ର ଶିକ୍ଷା ପାଇଁ ୩ ହଜାର ୭୯୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ସ୍କୁଲ ଡ୍ରପ୍‌ଆଉଟ୍ ହାରକୁ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ଅଷ୍ଟମ ବା ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଏବଂ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ପ୍ରତ୍ୟେକ ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

ଆଦିବାସୀ ଭାଷାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ-ବିଶ୍ୱବିଦ୍ୟାଳୟ ଯୋଜନାରେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨୬ଟି ଭାଷା ଗବେଷଣାଗାର ପ୍ରତିଷ୍ଠା କରାଯିବ । ବଜେଟ୍‌ରେ କ୍ରୀଡା ଓ ଯୁବସେବା ପାଇଁ ୧ ହଜାର ୩୧୫ କୋଟି ଟଙ୍କାର ଅଟକଳ ହୋଇଛି । ଯୁବବର୍ଗର ସମନ୍ୱିତ ବିକାଶ ପାଇଁ ଯୁବଶକ୍ତି ଅଧିନରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିଭଳି ମେଧାବୀ କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଖେଳରତ୍ନ ଖୋଜା ଅଭିଯାନ କାର୍ଯ୍ୟକାରୀ ହେବ ।

ରାଜ୍ୟରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O –**

## ଶିକ୍ଷାସପ୍ତାହ

ଜାତୀୟ ଶିକ୍ଷାନୀତି ୨୦୨୦ର ଚତୁର୍ଥବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷାସପ୍ତାହ ପାଳନ କରାଯାଉଛି। ଛାତ୍ରଛାତ୍ରୀଙ୍କ ମାନସିକ ତଥା ଶାରୀରିକ ବିକାଶକୁ ଗୁରୁତ୍ୱ ଦେବା ଏହି ସପ୍ତାହ ପାଳନର ଲକ୍ଷ୍ୟ। ଶିକ୍ଷା ସପ୍ତାହର ଗତକାଲି ତୃତୀୟ ଦିବସକୁ କ୍ରୀଡାଦିବସ ରୂପେ ପାଳନ କରାଯାଇଛି। କ୍ରୀଡାକୁ ପାଠ୍ୟକ୍ରମ ଭାବରେ ଗ୍ରହଣ କରିବା ଉପରେ ଏହି ଅବସରରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ଅଂଚଳର ପାରମ୍ପରିକ ଖେଳକୁ ଶିକ୍ଷାନୀତି-୨୦୨୦ରେ ସାମିଲ କରାଯାଇଛି।

## ବକେୟା ବିଦ୍ୟୁତ୍ ବିଲ୍

ଉଠା ଜଳସେଚନ ଉପଭୋକ୍ତାଙ୍କ ବକେୟା ବିଦ୍ୟୁତ୍ ବିଲ୍ ଦେୟ ଅବଧିକୁ ରାଜ୍ୟ ସରକାର କୋହଳ କରିଛନ୍ତି। ବକେୟା ବିଲ୍ ଅଗଷ୍ଟ ୨୦୨୪ ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ସର୍ବାଧିକ ୮ଟି କିସ୍ତିରେ ଉପଭୋକ୍ତାମାନେ ପୈଠ କରିପାରିବେ। ବିଜୁଳି ଯୋଗାଣ ଯେପରି ନିରବଚ୍ଛିନ୍ନ ରହିବ ତାହା ସୁନିଶ୍ଚିତ କରିବା ସହିତ ଉପଭୋକ୍ତାଙ୍କୁ ଆର୍ଥିକ ନମନିୟତା ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

## ବଦଳୀ ଓ ନିଯୁକ୍ତି ସଂକ୍ରାନ୍ତ କ୍ଷମତା

ପୁଲିସ୍ ବିଭାଗରେ ଉପ-ଆରକ୍ଷୀ ଅଧିକ୍ଷକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏବଂ ଡେପୁଟୀ କମାଣ୍ଡାଣ୍ଟମାନଙ୍କର ବଦଳୀ ଓ ନିଯୁକ୍ତି ସଂକ୍ରାନ୍ତ ନିଷ୍ପତ୍ତି ବିଭାଗର ଡିଜି ଏବଂ ଆଇଜି ନେବେ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ସଂଶୋଧିତ ବିଜ୍ଞପ୍ତି ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅଧିକାରୀମାନଙ୍କ ବଦଳୀ ଓ ନିଯୁକ୍ତି କ୍ଷେତ୍ରରେ ଏକ କମିଟି କାର୍ଯ୍ୟ କରିବ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ଏହାଛଡା ରାଜ୍ୟ ପୁଲିସ୍ ବିଭାଗର ଡିଜି ଏବଂ ଆଇଜି ଓ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ କିମ୍ବା ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ଭାବେ କମିଟିର ସଦସ୍ୟ ରହିବେ।

## କୌଶଳ ରଥ

ଡଙ୍ଗରିଆ ଓ ଆଦିବାସୀଙ୍କ ମଧ୍ୟରେ ଦକ୍ଷତା ବିକାଶ ନେଇ ରାୟଗଡ଼ା ଜିଲ୍ଲାର ନିୟମଗିରି ଅଞ୍ଚଳରେ କୌଶଳ ରଥ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ଆଜି ଚାଟିକଣା ଯାଯାବର କେନ୍ଦ୍ରଠାରେ ନିୟମଗିରି ହାଇସ୍କୁଲ ଓ ଆଡିଶାକାନୀ ସ୍କୁଲର ଛାତ୍ରଛାତ୍ରୀମାନେ କୌଶଳ ରଥ ବୁଲି ଦେଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ରଥରେ ଥିବା ଡ୍ରୋନ୍ ଡ୍ରାଇଭିଂ, ଆଇଭିୟୁ ସମେତ ଅତ୍ୟାଧୁନିକ ସରଞ୍ଜାମ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।

# ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ବର୍ଷା ଲାଗି ରହିଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଂଚଳରେ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୨୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************